# NATIONAL NEWS BULLETIN (ODIA)

## 6 June 2026

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଦେଖାଦେଇଥିବା ଆର୍ଥିକ ସଂକଟ ସତ୍ତ୍ୱେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୭ ଦଶମିକ ୭ ପ୍ରତିଶତ ରହିବା ଏକ ସୁଦୃଢ଼ ଭାରତୀୟ ଅର୍ଥ ବ୍ୟବସ୍ଥାର ପ୍ରତିଫଳନ, କହିଲେ ପ୍ରଧାନମନ୍ତ୍ରୀ
- ରୁଷର ପଞ୍ଚମ ପିଢ଼ି ଷ୍ଟିଲ୍‌ଥ ଲଢୁଆ ବିମାନ ସୁଖୋଇ **SU-57** ଭାରତକୁ ଦେବା ଲାଗି ଆଗ୍ରହ ପ୍ରକାଶ କଲେ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ
- ନୂଆଦିଲ୍ଲୀଠାରେ ଆଜି ଅନୁଷ୍ଠିତ ହେବ ଭାରତ- ନେପାଳ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ
- ଭାରତୀୟ ଶାନ୍ତି ରକ୍ଷକ ମେଜର ଅଭିଳାସା ବାରାକଙ୍କୁ ୨୦୨୫ ବର୍ଷ ଲାଗି ମିଳିଲା ମିଳିତ ଜାତିସଂଘର ମିଲିଟାରୀ ଜେଣ୍ଡର ଆଡଭୋକେଟ୍ ପୁରସ୍କାର

ଏବଂ

● ପ୍ରଥମ ଭାରତୀୟ ଭାବେ ନରୱେ ଚେସ୍ ଟାଇଟଲ୍ ହାସଲ କରି ଇତିହାସ ସୃଷ୍ଟି କଲେ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଗ୍ନା ନନ୍ଧା

# ପିଏମ୍ ସୁରଟ ଭିଜିଟ୍

ବିଶ୍ୱସ୍ତରରେ ଦେଖାଦେଇଥିବା ଆର୍ଥିକ ସଂକଟ ସତ୍ତ୍ୱେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଦେଶର ଅଭିବୃଦ୍ଧି ହାର ୭ ଦଶମିକ ୭ ପ୍ରତିଶତ ରହିବା ଏକ ସୁଦୃଢ଼ ଭାରତୀୟ ଅର୍ଥ ବ୍ୟବସ୍ଥାର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଗତସନ୍ଧ୍ୟାରେ ଦାମନ ଠାରେ ପ୍ରାୟ ୨ ହଜାର ୯୭୦ କୋଟି ଟଙ୍କା ବ୍ୟୟ ଅଟକଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ କରିବା ଅବସରରେ ଆୟୋଜିତ ଏକ ଜନସମାବେଶକୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ହାସଲ କରୁଥିବା ଅର୍ଥ ବ୍ୟବସ୍ଥା ମଧ୍ୟରେ ଭାରତ ସାମିଲ ହୋଇଛି । ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ସହିତ ଭିତ୍ତିଭୂମି ବିକାଶ ଏବଂ ଗରିବ ଜନସାଧାରଣଙ୍କ ଲାଗି ଜନକଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ପ୍ରାଥମିକତା ଦେଇ ଦେଶ ଦ୍ରୁତଗତିରେ ଅଗ୍ରଗତି କରୁଛି ବୋଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି ।

# ରୁଷ-ଇଣ୍ଡିଆ-ଡିଫେନ୍ସ

ରୁଷର ପଞ୍ଚମ ପିଢ଼ି ଷ୍ଟିଲ୍‌ଥ ଲଢୁଆ ବିମାନ ସୁଖୋଇ **SU-57** ଭାରତକୁ ଦେବା ଲାଗି ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିସହିତ ଭାରତ ଓ ରୁଷ୍ ମଧ୍ୟରେ ରହିଥିବା ଏକ ସଶକ୍ତ ରଣନୈତିକ ଭାଗିଦାରୀର ଅଂଶ ସ୍ୱରୂପ ଏହି ଲଢୁଆ ବିମାନର ଯୁଗ୍ମ ଉତ୍ପାଦନ ଭାରତରେ କରିବା ଲାଗି ଶ୍ରୀ ପୁଟିନ କହିଛନ୍ତି । ସେଣ୍ଟ ପିଟରବର୍ଗ ଅର୍ଥନୈତିକ ଫୋରମ ଅବସରରେ ବିଶ୍ୱସ୍ତରର ବିଭିନ୍ନ ସମ୍ବାଦସଂସ୍ଥାଗୁଡ଼ିକର ମୁଖ୍ୟମାନଙ୍କ ସହିତ ଭାବ ବିନିମୟ ସମୟରେ ସେ ଏହି ସୂଚନା ଦେଇଛନ୍ତି । ଶ୍ରୀ ପୁଟିନ କହିଛନ୍ତି, ନୂଆଦିଲ୍ଲୀକୁ ଏସୟୁ-୫୭ ଲଢୁଆ ବିମାନ କାର୍ଯ୍ୟକ୍ରମରେ ସାମିଲ କରିବା ଲାଗି ମସ୍କୋ ଆଗ୍ରହୀ । ଏତଦ୍‌ବ୍ୟତୀତ ସମନ୍ୱିତ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଓ ଗୁରୁତର ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ସହଯୋଗ କରିବା ଲାଗି ରୁଷ ଆଗ୍ରହୀ ବୋଲି ଶ୍ରୀ ପୁଟିନ୍ କହିଛନ୍ତି । ଏହାଛଡ଼ା ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହିତ ବୈଶ୍ୱିକ ସଫ୍ଟଓୟାର ବଜାରରେ ଏହାର ଉଲ୍ଲେଖନୀୟ ଭାଗିଦାରୀ ଲାଗି ରୁଷ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି ।

ଭାରତ ଏକ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରତିରକ୍ଷା ବ୍ୟବସ୍ଥା ସୁଦର୍ଶନଚକ୍ରର ବିକାଶ କରୁଛି । ଏହି ବ୍ୟବସ୍ଥାରେ ରୁଷ୍‌ର **S-400** କ୍ଷେପଣାସ୍ତ୍ର ଏକ ପ୍ରମୁଖ ଭୂମିକା ନିର୍ବାହ କରିବାର ଆଶା କରାଯାଉଛି । ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ କଟକଣା ଜାରି କରାଯିବା ଚେତାବନୀ ସତ୍ତ୍ୱେ ପୂର୍ବରୁ ଭାରତ' ରୁଷ ସହିତ ୫ଟି **S-400** ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ର ବ୍ୟବସ୍ଥା ଆଣିବା ଲାଗି ୫ ବିଲିୟନ ଆମେରିକୀୟ ଡଲାରର ଚୁକ୍ତି କରିସାରିଛି । ସେଥିମଧ୍ୟରୁ ୪ଟି ଭାରତକୁ ଆସିସାରିଥିବା ବେଳେ ପଞ୍ଚମଟି ଆସିବାର ଅପେକ୍ଷାରେ ରହିଛି ।

ଶ୍ରୀ ମୋଦୀ କହିଛନ୍ତି, ଦାମନଠାରେ ଯେଉଁ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ହୋଇଛି, ଏହା ଦ୍ୱାରା ସଂଯୋଗୀକରଣ ସୁଗମ ହେବା ସହିତ ସ୍ୱାସ୍ଥ୍ୟ, ଶିକ୍ଷା ସମେତ ବିଭିନ୍ନ ପ୍ରାଥମିକ କ୍ଷେତ୍ରରେ ଜନସାଧାରଣଙ୍କୁ ଏହାର ସୁଫଳ ମିଳିପାରିବ । ଏଥିସହିତ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବା ସହ ଦମନ ଏବଂ ସମଗ୍ର କେନ୍ଦ୍ରଶାସିତ ଅଞ୍ଚଳରେ ବିକାଶର ଏକ ନୂତନ ପରିଭାଷା ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପୂର୍ବରୁ ପ୍ରଧାନମନ୍ତ୍ରୀ ଗତକାଲି ସୁରତ ଗସ୍ତ କରି ସେଠାରେ ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ ।

# ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ନୂଆଦିଲ୍ଲୀଠାରେ ତାଙ୍କର ନେପାଳ ପ୍ରତିପକ୍ଷ ଶିଶିର ଖାନାଲଙ୍କ ସହିତ ଦ୍ୱିପକ୍ଷୀୟ ବୈଠକ କରିବେ । ଏ ସଂପର୍କରେ ସୂଚନା ଦେଇ ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଆପୋଷ ସ୍ୱାର୍ଥଜଡ଼ିତ ପ୍ରସଙ୍ଗ ସମେତ ବାଣିଜ୍ୟ, ପୁଞ୍ଜିନିବେଶ, ସଂଯୋଗୀକରଣ, ଶକ୍ତି ଏବଂ ଜନସଂପର୍କ ଆଦି ପ୍ରମୁଖ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ବୈଠକରେ ଆଲୋଚନା କରାଯିବ ।

ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଶ୍ରୀ ଖାନାଲଙ୍କର ଏହି ୩ ଦିନିଆ ଗସ୍ତ ଭାରତ-ନେପାଳ ମଧ୍ୟରେ ରହିଥିବା ସ୍ୱତନ୍ତ୍ର ଭାଗିଦାରୀକୁ ଅଧିକ ସଶକ୍ତ କରିବାରେ ସହାୟକ ହେବ । ଦୁଇଦେଶ ମଧ୍ୟରେ ଥିବା ବହୁବିଧ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଲାଗି ଭାରତ ଆଗ୍ରହୀ । ବିକାଶ କ୍ଷେତ୍ରରେ ସହଯୋଗ ଏବଂ ବାଣିଜ୍ୟ ଓ ପୁଞ୍ଜି ନିବେଶ ସମେତ ଜନସଂପର୍କ ଭଳି ପ୍ରସଙ୍ଗଗୁଡ଼ିକ ଆଜିର ଆଲୋଚନାରେ ସ୍ଥାନ ପାଇବ ବୋଲି ସେ କହିଛନ୍ତି ।

ଇତିମଧ୍ୟରେ ଶ୍ରୀ ଖାନାଲ ଗତକାଲି ନୂଆଦିଲ୍ଲୀଠାରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ  ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଭାରତରେ ଅବସ୍ଥାପିତ ନେପାଳ ଦୂତାବାସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭାରତ -ନେପାଳ ଦ୍ୱିପକ୍ଷୀୟ ସଂପର୍କକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ବୈଠକ ବେଶ୍ ଫଳପ୍ରଦ ହୋଇଛି ।

# ୟୁଏସ୍ ପିସ୍ କିପର ଆୱାର୍ଡ

ଭାରତୀୟ ଶାନ୍ତି ରକ୍ଷକ ମେଜର ଅଭିଲାସା ବାରାକଙ୍କୁ ୨୦୨୫ ବର୍ଷ ଲାଗି ମିଳିତ ଜାତିସଂଘର ମିଲିଟାରୀ ଜେଣ୍ଡର ଆଡଭୋକେଟ୍ ପୁରସ୍କାରରେ ସମ୍ମାନିତ କରାଯାଇଛି । ମିଳିତ ଜାତିସଂଘ ଶାନ୍ତି ସୁରକ୍ଷାକାରୀ ଆନ୍ତର୍ଜାତିକ ଦିବସ ଅବସରରେ ବାରାକଙ୍କୁ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଭାରତୀୟ ବାଟାଲିୟନ୍‌ରେ କାର୍ଯ୍ୟରତ ମେଜର ବାରାକ ବର୍ତ୍ତମାନ ଲେବାନନରେ ମିଳିତ ଜାତିସଂଘ ଅନ୍ତରୀଣ ସୁରକ୍ଷା ବାହିନୀରେ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । ମେଜର ବାରାକ ଭାରତୀୟ ସେନାରେ ପ୍ରଥମ ମହିଳା କମ୍ବାକ୍ଟ ହେଲିକପ୍ଟର ପାଇଲଟ ରୂପେ କାର୍ଯ୍ୟ କରିସାରିଛନ୍ତି ।

# ସିବିଏସ୍ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ପକ୍ଷରୁ ମାର୍କ ଯାଞ୍ଚ କରିବା ଏବଂ ପୁନଃ ମୂଲ୍ୟାୟନ ସଂପର୍କିତ ଆବେଦନ ଲାଗି ସମୟସୀମାକୁ ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ସିବିଏସ୍‌ଇ କହିଛି, ଏଥିଲାଗି ସଂପୃକ୍ତ ଛାତ୍ରଛାତ୍ରୀ ନିଜ ନିଜ ଆବେଦନ ରବିବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଦାଖଲ କରିପାରିବେ । ଆବେଦନ ପ୍ରକ୍ରିୟାକୁ ସଂପୂର୍ଣ୍ଣ କରିବା ତଥା ଶିକ୍ଷାର୍ଥୀମାନଙ୍କର ସ୍ୱାର୍ଥକୁ ଦୃଷ୍ଟିକୁ ରଖି ଏହି ଅତିରିକ୍ତ ସମୟ ପ୍ରଦାନ କରାଯାଇଛି ବୋଲି ସିବିଏସ୍‌ଇ କହିଛି । ପୂର୍ବରୁ ଏହି ପ୍ରକ୍ରିୟା ଲାଗି ଆଜି ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା ।

## ଭେନେଜୁଏଲା ପ୍ରେଜ୍

ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗୁଏଜ୍ ଗତକାଲି ମୁମ୍ବାଇଠାରେ ପହଞ୍ଚିଛନ୍ତି । ଛତ୍ରପତି ଶିବାଜୀ ମହାରାଜ ଆନ୍ତର୍ଜାତିକ ବିମାନ ବନ୍ଦରରେ ଭାରତରେ ଅବସ୍ଥାପିତ ଭେନେଜୁଏଲାର ରାଷ୍ଟ୍ରଦୂତ ପି.କେ. ଅଶୋକ ବାବୁ ରାଷ୍ଟ୍ରପତି ରୋଡ୍ରିଗୁଏଜଙ୍କୁ ସ୍ୱାଗତ କରିଥିଲେ । ପରେ ଶ୍ରୀମତୀ ରୋଡ୍ରିଗୁଏଜ୍ ଐତିହାସିକ ତାଜ୍‌ମହଲ ପ୍ୟାଲେସ୍ ହୋଟେଲ୍ ପରିଦର୍ଶନ କରିଥିଲେ । ସେଠାରେ ତାଙ୍କୁ ପାରମ୍ପରିକ ଭାରତୀୟ ଶୈଳୀରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଭାରତର ଉତ୍କୃଷ୍ଟ ଐତିହ୍ୟର ପ୍ରତୀକ ଭାବେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

## ମାଇଁ ଭାରତ

ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଆଜି 'ବିକଶିତ ଭାରତ ପାଇଁ ଯୁବପିଢ଼ି - ମାଇଁ ଭାରତ ୟୁଥ କନଭେନସନ' ଅନୁଷ୍ଠିତ ହେବ। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମେରା ଯୁବା ଭାରତ' ପକ୍ଷରୁ ଏହି ସମ୍ମିଳନୀର ଆୟୋଜନ କରାଯାଉଛି। ଦେଶର ବିଭିନ୍ନ ପ୍ରାନ୍ତରୁ ୬ ହଜାରରୁ ଅଧିକ ଯୁବ ପ୍ରତିନିଧି ଏଥିରେ ଯୋଗଦେବେ।

## ଆଗ୍ରୋ କ୍ୟାମ୍ପେନ୍

ଦେଶବ୍ୟାପୀ ଜାରି ରହିଥିବା କ୍ଷେତ୍ ବଚାଓ ଅଭିଯାନରେ ଗତକାଲି ସୁଦ୍ଧା ୯ ଲକ୍ଷ ୪୨ ହଜାରରୁ ଊର୍ଦ୍ଧ୍ୱ କୃଷକ ସାମିଲ ହୋଇଛନ୍ତି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, କୃଷିକ୍ଷେତ୍ରରେ ସନ୍ତୁଳିତ ସାରର ବ୍ୟବହାର, ମୃତ୍ତିକା ଉର୍ବରତା ସଂରକ୍ଷଣ ଏବଂ ନିରନ୍ତର କୃଷିକାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି ।

ଏପର୍ଯ୍ୟନ୍ତ ଏହି ଅଭିଯାନ ଅଧୀନରେ ୧୭ ହଜାର ୮୦୦ରୁ ଊର୍ଦ୍ଧ୍ୱ ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରାୟ ୩ ହଜାର ୭୦୦ ତାଲିମ ଶିବିର ମଧ୍ୟ ଆୟୋଜିତ ହୋଇଛି । ତାଲିମ ଶିବିରରେ ଚାଷୀମାନଙ୍କୁ ସନ୍ତୁଳିତ ସାରର ବ୍ୟବହାର, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଏବଂ ଚାଷକାର୍ଯ୍ୟରେ ଆଧୁନିକ ବୈଜ୍ଞାନିକ ପଦ୍ଧତିକୁ ଆପଣାଇବା ଉପରେ ପ୍ରଶିକ୍ଷଣ

ଦିଆଯାଇଛି । ଏହି ତାଲିମ ଶିବିରଗୁଡ଼ିକରେ ୧ଲକ୍ଷ ୫୭ ହଜାରରୁ ଉର୍ଦ୍ଧ୍ୱ କୃଷକ ଅଂଶ ଗ୍ରହଣ କରିଛନ୍ତି । ଏତଦ୍‌ବ୍ୟତୀତ ୮ ହଜାର ୮୫୦ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଜୈବିକ ଏବଂ ବିକଳ୍ପ ପୁଷ୍ଟିର ବ୍ୟବହାର ଓ ସମନ୍ୱିତ ପୁଷ୍ଟି ପରିଚାଳନା ପଦ୍ଧତି ସଂପର୍କରେ ଚାଷୀମାନଙ୍କୁ ସଚେତନ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

# ଚେସ୍

ଗ୍ରାଣ୍ଡମାଷ୍ଟର ଆର୍. ପ୍ରଗ୍ନା ନନ୍ଧା ପ୍ରଥମ ଭାରତୀୟ ଭାବେ ନରୱେ଼ ଚେସ୍ ଟାଇଟଲ୍ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଅଶ୍ଲୋଠାରେ ଅନୁଷ୍ଠିତ ଫାଇନାଲ୍ ରାଉଣ୍ଡରେ ସେ ଜର୍ମାନର ଭିନ୍‌ସେଣ୍ଟ କିମେର୍‌ଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି। ଚେନ୍ନାଇର ଏହି ୨୦ ବର୍ଷ ବୟସ୍କ ଚେସ୍ ଖେଳାଳି ଦ୍ୱିତୀୟ ଥର ଲାଗି ନରୱେ଼ ଚେସ୍ ଚମ୍ପିୟାନ୍‌ସିପ୍‌ରେ ଅଂଶ ଗ୍ରହଣ କରିଥିଲେ ।

# ମନସୁନ

ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳମ୍‌ରେ ଅଧିକ ଘନୀଭୂତ ହୋଇଥିବା ଦୃଷ୍ଟିରୁ ରାଜ୍ୟର ଉତ୍ତରାଞ୍ଚଳ ଜିଲ୍ଲାଗୁଡ଼ିକରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏଥିଲାଗି ମାଲାପୁରମ୍, କୋଝିକୋଡେ, ଓ୍ୱାୟାନାଡ, କନ୍ନୁର ଏବଂ କାସାରାଗଡ଼ ଜିଲ୍ଲା ଲାଗି ଆଜି ପାଇଁ ସତର୍କ ସୂଚନା ଜାରି

କରାଯାଇଛି । ପ୍ରତିକୂଳ ପାଗ ଲାଗି କେତେକ ଜିଲ୍ଲାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଛୁଟି ଘୋଷଣା କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବା ଦୃଷ୍ଟିରୁ ମତ୍ସ୍ୟଜୀବୀମାନେ କେରଳମ୍, ଲାକ୍ଷାଦ୍ୱୀପ ଓ କର୍ଣ୍ଣାଟକ ଉପକୂଳବର୍ତ୍ତୀ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି ।